ନିଷେଧ ଏବଂ ଅବକାରୀ ଉପ-ଆୟୁକ୍ତ,
ନିଜାମାବାଦ ଡିଭିଜନ, ନିଜାମାବାଦ,
ଆନ୍ଧ୍ର ପ୍ରଦେଶ ଏବଂ ଅନ୍ୟଜଣେ
ବନାମ
ମେସର୍ସ ବାଲାଜି କ୍ୟାଟଲ୍ ଫିଡ୍ ଏବଂ ଅନ୍ୟଜଣେ

ଅଗଷ୍ଟ 31, 2004

[ଏସ୍.ଏନ୍. ବାରିଭା ଏବଂ ଅରିଜିତ ପଶାୟତ, ନ୍ୟାୟମୂର୍ତ୍ତିଦ୍ୱୟ]

*ଭାରତର ସମ୍ବିଧାନ, 1950:*

*ଅନୁଚ୍ଛେଦ 226 - ଆଜ୍ଞାଦେଶ ଆବେଦନ - ଅପରାଧିକ କାର୍ଯ୍ୟାନୁଷ୍ଠାନକୁ ରଦ୍ଦ କରିବାକୁ ଚେଷ୍ଟା କରିବା - ଗୁଡ଼ ଥିବା ଟ୍ୟାଙ୍କର ଜବତ ହୋଇଥିଲା ଏବଂ ଦାବିଦାରଙ୍କ ବିରୋଧରେ ଫୌଜଦାରୀ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଥିଲା - ଉଚ୍ଚ ନ୍ୟାୟାଳୟ କାର୍ଯ୍ୟାନୁଷ୍ଠାନକୁ ରଦ୍ଦ କରନ୍ତି ଏବଂ ସାମଗ୍ରୀ ଗୁଡ଼ିକୁ ମୁକ୍ତ କରିବା ପାଇଁ ନିର୍ଦ୍ଦେଶ ଦିଅନ୍ତି - ନିର୍ଣ୍ଣୟ ହେଲା, ପୂର୍ବରୁ ନଥିରେ ଥିବା ଏବଂ ତଦନ୍ତ ସମୟରେ ସଂଗ୍ରହ କରାଯିବାକୁ ଥିବା ସାମଗ୍ରୀ ଅଭିଯୋଗକୁ ପ୍ରମାଣିତ କରିବ କି ନାହିଁ, ଏହା ବିଚାରର ବିଷୟ -ଉଚ୍ଚ ନ୍ୟାୟାଳୟ କାର୍ଯ୍ୟାନୁଷ୍ଠାନକୁ ରଦ୍ଦ କରିବାରେ ନ୍ୟାୟସଙ୍ଗତ ନଥିଲେ - ଆନ୍ଧ୍ର ପ୍ରଦେଶ ଉତ୍ପାଦ ଶୁଳ୍କ ଅଧିନିୟମ, 1968 - ଆନ୍ଧ୍ର ପ୍ରଦେଶ ନିଷେଧ ଅଧିନିୟମ, 1995 ।*

**ଉଚ୍ଚ ନ୍ୟାୟାଳୟ ଏକ ଆଜ୍ଞାଦେଶ ଆବେଦନରେ ଏ.ପି. ଉତ୍ପାଦ ଶୁଳ୍କ ଅଧିନିୟମ ଏବଂ ଏ.ପି. ନିଷେଧ ଅଧିନିୟମ ଅନୁଯାୟୀ ଉତ୍ତରଦାତାମାନଙ୍କ ବିରୋଧରେ ଆରମ୍ଭ ହୋଇଥିବା କାର୍ଯ୍ୟାନୁଷ୍ଠାନକୁ ରଦ୍ଦ କରିଦେଇଥିଲେ ଏବଂ ଟ୍ୟାଙ୍କର୍ ଏବଂ ଗୁଡ଼କୁ ମୁକ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ ଏହି ବିଚାର କରି ଯେ ଜବତ ହୋଇଥିବା ସାମଗ୍ରୀ ବେଆଇନ ସ୍ପିରିଟ୍ ଉତ୍ପାଦନ ପାଇଁ ବ୍ୟବହୃତ ହେବା ଉଦ୍ଦେଶ୍ୟରେ ବୋଲି ଦର୍ଶାଇବା ପାଇଁ କୌଣସି ତଥ୍ୟ ନଥିଲା ।**

**ରାଜ୍ୟ ଦ୍ୱାରା ଦାଖଲ ହୋଇଥିବା ଅପିଲକୁ ମଞ୍ଜୁର ଦେଇ ନ୍ୟାୟାଳୟ**

**ନିର୍ଣ୍ଣୟ କଲେ : ଉଚ୍ଚ ନ୍ୟାୟାଳୟ ସମଗ୍ର କାର୍ଯ୍ୟାନୁଷ୍ଠାନକୁ ରଦ୍ଦ କରିବାରେ ନ୍ୟାୟସଙ୍ଗତ ନଥିଲେ । ଯାନର ଚାଳକଙ୍କ ବିବୃତି ଏବଂ ପଞ୍ଚନାମା ଦର୍ଶାଏ ଯେ ଉତ୍ତରଦାତାମାନଙ୍କ ବିରୋଧରେ ଆଗକୁ ବଢ଼ିବା ପାଇଁ କିଛି ତଥ୍ୟ ରହିଥିଲା । ଏହା ଏପରି ଏକ ମାମଲା ବୋଲି କୁହାଯାଇପାରିବ ନାହିଁ ଯେଉଁଠାରେ ଘଟାଯାଇଥିବା ଅପରାଧର ପ୍ରକାଶ କରାଯାଇ ନଥିଲା । ପୂର୍ବରୁ ନଥିରେ ଥିବା**

**ଏବଂ ତଦନ୍ତ ସମୟରେ ସଂଗ୍ରହ କରାଯିବାକୁ ଥିବା ସାମଗ୍ରୀ ଅଭିଯୋଗକୁ ପ୍ରମାଣିତ କରିବ କି ନାହିଁ, ଏହା ବିଚାରର ବିଷୟ । ଉଚ୍ଚ ନ୍ୟାୟାଳୟ ଉତ୍ତରଦାତାମାନଙ୍କ ବିରୁଦ୍ଧରେ ଆରମ୍ଭ ହୋଇଥିବା କାର୍ଯ୍ୟାନୁଷ୍ଠାନକୁ ଆଇନର ପ୍ରାଧିକାର ବିନା ବୋଲି ବିଚାର କରି ତ୍ରୁଟି କରିଥିଲେ । ଗାଡି ଏବଂ ଜବତ ସାମଗ୍ରୀକୁ ମୁକ୍ତ କରିବା ପାଇଁ ନିର୍ଦ୍ଦେଶକୁ ବଜାୟ ରଖାଯାଇପାରିବ ନାହିଁ । ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ପୁନର୍ବାର ଆରମ୍ଭ ହେବ ଏବଂ ଜାରି ରହିବ ।**

*ଆନ୍ଧ୍ର ପ୍ରଦେଶ ରାଜ୍ୟ ବନାମ ଗୋଲୋକୋଣ୍ଡା ଲିଙ୍ଗା ସ୍ୱାମୀ ଏବଂ ଅନ୍ୟଜଣେ* **(2004) AIR SCW 4329, ଉପରେ ନିର୍ଭରଶୀଳତା ରଖାଯାଇଥିଲା ।**

ଫୌଜଦାରୀ ଅପିଲିୟ ଅଧିକାରିତା : ଫୌଜଦାରୀ ଅପିଲ ସଂଖ୍ୟା 1182/2003 ।

ଡବ୍ଲ୍ୟୁ. ପି. ସଂଖ୍ୟା 19006/2002ରେ ଆନ୍ଧ୍ର ପ୍ରଦେଶ ଉଚ୍ଚ ନ୍ୟାୟାଳୟର ତା25.11.2002ରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀମାନଙ୍କ ପାଇଁ ଶ୍ରୀମତୀ ଡି. ଭାରତୀ ରେଡ୍ଡୀ ।

ଉତ୍ତରଦାତାମାନଙ୍କ ପାଇଁ କେ. କେ. ମଣି ।

ନ୍ୟାୟାଳୟଙ୍କର ରାୟ ପ୍ରଦାନ କରାଗଲା

**ନ୍ୟାୟମୂର୍ତ୍ତି ଅରିଜିତ୍ ପସାୟତ**ଙ୍କ ଦ୍ୱାରା । ଉତ୍ତରଦାତାମାନଙ୍କ ଦ୍ୱାରା ଦାଖଲ ହୋଇଥିବା ଆଜ୍ଞାଦେଶ ଆବେଦନକୁ ଅନୁମତି ଦେଇ ଆନ୍ଧ୍ର ପ୍ରଦେଶ ଉଚ୍ଚ ନ୍ୟାୟାଳୟର ମାନ୍ୟବର ଏକକ ନ୍ୟାୟମୂର୍ତ୍ତିଙ୍କ ରାୟ ବିରୁଦ୍ଧରେ ଆନ୍ଧ୍ରପ୍ରଦେଶ ରାଜ୍ୟ ଅପିଲ କରିଛି । ଆକ୍ଷେପିତ ରାୟ ଦ୍ୱାରା ଏହା କୁହାଯାଇଥିଲା ଯେ ପରିବହନ ସମୟରେ ଟ୍ୟାଙ୍କର ସହିତ ଗୁଡ଼ ଜବତ କରିବା ଏବଂ ଏହାକୁ ଜବତ କରିବାରେ ଉତ୍ତରଦାତାମାନଙ୍କ ବିରୋଧରେ ଆରମ୍ଭ ହୋଇଥିବା କାର୍ଯ୍ୟାନୁଷ୍ଠାନ ଆଇନର ପ୍ରାଧିକାର ବିନା । ଜବତ ସାମଗ୍ରୀଗୁଡ଼ିକ ରେକ୍ଟିଫାଏଡ୍ ସ୍ପିରିଟ୍ ପ୍ରସ୍ତୁତି ପାଇଁ ବ୍ୟବହାର କରାଯିବା ପାଇଁ ଉଦ୍ଦିଷ୍ଟ ଥିଲା ବୋଲି ଦର୍ଶାଇବା ପାଇଁ କୌଣସି ତଥ୍ୟ ନଥିବା ଦାବିକୁ ଉଚ୍ଚ ନ୍ୟାୟାଳୟ ଗ୍ରହଣ କରିଥିଲେ ।

ଅପିଲକୁ ସମର୍ଥନ କରି, ଆନ୍ଧ୍ର ପ୍ରଦେଶ ରାଜ୍ୟ ତରଫରୁ ହାଜର ହୋଇଥିବା ବିଜ୍ଞ ଓକିଲ ଉପସ୍ଥାପନ କରିଥିଲେ ଯେ ଉଚ୍ଚ ନ୍ୟାୟାଳୟଙ୍କ ଆଭିମୁଖ୍ୟ ସ୍ପଷ୍ଟ ଭାବରେ ଭୁଲ ଅଟେ । ଏହା ଏପରି ଏକ ମାମଲା ନଥିଲା ଯେଉଁଠାରେ ଅଭିଯୋଗ କରାଯାଇଥିବା ଅପରାଧ ଦର୍ଶାଇବା ପାଇଁ କୌଣସି

ତଥ୍ୟ ନଥିଲା । ପୂର୍ବରୁ ଯଥେଷ୍ଟ ତଥ୍ୟ ଥିଲା କି ନାହିଁ କିମ୍ବା ଯାହା ଅନୁସନ୍ଧାନ ସମୟରେ ସଂଗ୍ରହ କରାଯାଇ ପାରିଥାଆନ୍ତା ଏବଂ ସେଗୁଡ଼ିକର ପ୍ରାସଙ୍ଗିକତା ମୂଳତଃ ବିଚାରର ବିଷୟ ଅଟେ ।

ଅପରପକ୍ଷେ, ଅଭିଯୁକ୍ତ-ଉତ୍ତରଦାତାମାନଙ୍କ ପାଇଁ ବିଜ୍ଞ ଓକିଲ ଉପସ୍ଥାପନ କରିଥିଲେ ଯେ ଏହା କେବଳ ଅନୁମାନ ଏବଂ ଅନ୍ଦାଜ ଥିଲା ଯେ ପରିବହନ କରାଯାଉଥିବା ଗୁଡ଼ ବେଆଇନ ଡିଷ୍ଟିଲ୍ ମଦ ଉତ୍ପାଦନ ଉଦ୍ଦେଶ୍ୟରେ ବ୍ୟବହାର କରାଯିବାପାଇଁ ଉଦ୍ଦିଷ୍ଟ ଥିଲା । ସନ୍ଦେହ ଯେତେ ଦୃଢ଼ ହେଉନା କାହିଁକି ଏହା ଅପରାଧିକ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବା ପାଇଁ ଏକ ଆଧାର ହୋଇପାରିବ ନାହିଁ ଯାହା ଦ୍ୱାରା ନିର୍ଦ୍ଦୋଷ ପରିବହନକାରୀଙ୍କୁ ଅନାବଶ୍ୟକ ଭାବରେ ହଇରାଣ କରାଯାଏ । ଏହା ମଧ୍ୟ ଦର୍ଶାଯାଇଥିଲା ଯେ ଉଚ୍ଚ ନ୍ୟାୟାଳୟ କେବଳ ଟ୍ୟାଙ୍କର ଏବଂ ଗୁଡ ମୁକ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ଏବଂ ଅପରାଧିକ କାର୍ଯ୍ୟାନୁଷ୍ଠାନ ରଦ୍ଦ କରାଯାଇ ନାହିଁ ।

*ଆନ୍ଧ୍ର ପ୍ରଦେଶ ରାଜ୍ୟ ବନାମ ଗୋଲୋକୋଣ୍ଡା ଲିଙ୍ଗା ସ୍ୱାମୀ ଏବଂ ଅନ୍ୟଜଣେ,* (2004) AIR SCW 4329ରେ ବ୍ୟାଚ୍ ମାମଲାରେ ଏହି ଅଦାଲତରେ ବିଚାର ପାଇଁ ସମାନ ପ୍ରଶ୍ନ ଉଠିଥିଲା । ସେହି ମାମଲାଗୁଡ଼ିକରେ ଫୌଜଦାରୀ କାର୍ଯ୍ୟବିଧି ସଂହିତା, 1973 (ସଂକ୍ଷେପରେ 'ସଂହିତା')ର ଧାରା 482 ଅନୁଯାୟୀ କ୍ଷମତା ପ୍ରୟୋଗ କରି ଦାୟର ହୋଇଥିବା ଏଫଆଇଆରଗୁଡ଼ିକୁ ରଦ୍ଦ କରାଯାଇଥିଲା । ଏହି ନ୍ୟାୟାଳୟ ଉଚ୍ଚ ନ୍ୟାୟାଳୟଙ୍କ ରାୟକୁ ବାତିଲ କରିଦେଇଛନ୍ତି । ବର୍ତ୍ତମାନର ମାମଲାରେ, ଉପରୋକ୍ତ ସାମୁହିକ ମାମଲା ପରି, ଯାନର ଚାଳକଙ୍କ ବିବୃତି ଏବଂ ପଞ୍ଚନାମା ଦର୍ଶାଏ ଯେ ଉତ୍ତରଦାତାମାନଙ୍କ ବିରୋଧରେ ଆଗକୁ ବଢିବା ପାଇଁ କିଛି ତଥ୍ୟ ରହିଥିଲା । ସ୍ପଷ୍ଟତଃ, ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରିବା ପାଇଁ ତଥ୍ୟର ଗ୍ରହଣୀୟତା ବିଚାରର ବିଷୟ ଅଟେ । ଏହାକୁ ଏପରି ଏକ ମାମଲା କୁହାଯାଇପାରିବ ନାହିଁ ଯେଉଁଠାରେ ଅପରାଧ ହୋଇଥିବା ପ୍ରକାଶ କରାଯାଇ ନଥିଲା ।

ଉତ୍ତରଦାତା-ଅଭିଯୁକ୍ତଙ୍କ ପକ୍ଷରୁ ବିଜ୍ଞ ଓକିଲଙ୍କ ମତ ଯେ ଆଜ୍ଞାଦେଶ ଆବେଦନରେ ଯାନ ଏବଂ ଜବତ ଜିନିଷଗୁଡ଼ିକୁ ମୁକ୍ତ କରିବା ପାଇଁ ପ୍ରାର୍ଥନା ସ୍ପଷ୍ଟ ଭାବରେ ଅସମର୍ଥନୀୟ । ପ୍ରକୃତରେ, ଉଚ୍ଚ ନ୍ୟାୟାଳୟ ସ୍ପଷ୍ଟ ଭାବରେ ଉଲ୍ଲେଖ କରିଛନ୍ତି ଯେ ସମ୍ପୂର୍ଣ୍ଣ ପ୍ରକ୍ରିୟାକୁ ବାତିଲ କରିବା ଏବଂ ଜବତ ଟ୍ୟାଙ୍କର ଏବଂ ଜିନିଷପତ୍ରକୁ ମୁକ୍ତ କରିବା ପାଇଁ ପ୍ରାର୍ଥନା କରାଯାଇଥିଲା । ଏହି ଆକ୍ଷେପିତ ରାୟ ଦ୍ୱାରା, ଉଚ୍ଚ ନ୍ୟାୟାଳୟ ସମଗ୍ର କାର୍ଯ୍ୟାନୁଷ୍ଠାନକୁ ରଦ୍ଦ କରିଦେଇଛନ୍ତି ଏବଂ ଫଳସ୍ୱରୂପ ଜବତ ହୋଇଥିବା ଟ୍ୟାଙ୍କର ଏବଂ ଗୁଡ଼କୁ ମୁକ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଉଚ୍ଚ ନ୍ୟାୟାଳୟଙ୍କ ଆଦେଶର କାର୍ଯ୍ୟକ୍ଷମ ଅଂଶଟି ନିମ୍ନରେ ଦିଆଗଲା:

"ଏହାକୁ ଦୃଷ୍ଟିରେ ରଖି, ପରିବହନ ସମୟରେ ଟ୍ୟାଙ୍କର ସହିତ ଗୁଡ଼ ଜବତ କରିବା ଏବଂ ଏହାକୁ ଜବତ କରିବା ପାଇଁ ଉତ୍ତରଦାତା-କର୍ତ୍ତୃପକ୍ଷଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ସମ୍ପୂର୍ଣ୍ଣ କାର୍ଯ୍ୟାନୁଷ୍ଠାନ କୌଣସି କ୍ଷମତା କିମ୍ବା ଆଇନ ବିନା ଏବଂ ସେହି ଅନୁଯାୟୀ ତାହାକୁ ବାତିଲ କରାଯାଇଛି ।ଫଳସ୍ୱରୂପ, ଉତ୍ତରଦାତାମାନଙ୍କୁ ଟ୍ୟାଙ୍କର୍ ଏବଂ ଗୁଡ ମୁକ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଉଛି, ଯାହା ଏସ୍.ଏଚ୍.ଓ. ଜାହିରାବାଦଙ୍କ ଦ୍ୱାରା 30-8-2002 ତାରିଖର କ୍ରାଇମବ୍ରାଞ୍ଚ ନମ୍ବର 132/2002-2003ର ପଞ୍ଜୀକରଣ ଅନୁଯାୟୀ ଜବତ କରାଯାଇଥିଲା ।"

ଯେହେତୁ କାର୍ଯ୍ୟାନୁଷ୍ଠାନ ଆଇନର ପ୍ରାଧିକାର ବିନା ଅନୁଷ୍ଠିତ ହୋଇଥିଲା, ଫଳସ୍ୱରୂପ ମୁକ୍ତି ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ମୁକ୍ତି ନିର୍ଦ୍ଦେଶନା ପାଇଁ ଅନ୍ୟ କୌଣସି କାରଣ ଦିଆଯାଇ ନାହିଁ ।

ତେଣୁ, ଉଚ୍ଚ ନ୍ୟାୟାଳୟ ସମଗ୍ର କାର୍ଯ୍ୟାନୁଷ୍ଠାନକୁ ରଦ୍ଦ କରିବାରେ ନ୍ୟାୟସଙ୍ଗତ ନଥିଲେ । ତେଣୁ, ଟ୍ୟାଙ୍କର ଏବଂ ଜବତ ସାମଗ୍ରୀକୁ ମୁକ୍ତ କରିବା ପାଇଁ ନିର୍ଦ୍ଦେଶ ଜାରି ରହିପାରିବ ନାହିଁ । ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ପୁନର୍ବାର ଆରମ୍ଭ ହେବ ଏବଂ ଜାରି ରହିବ । ତଦନ୍ତ ସମୟରେ ସଂଗ୍ରହ ହେବାକୁ ଥିବା ଏବଂ ନଥିରେ ଥିବା ତଥ୍ୟ ଅଭିଯୋଗକୁ ପ୍ରମାଣିତ କରିବ କି ନାହିଁ ତାହା ବିଚାରର ବିଷୟ ।

ଉତ୍ତରଦାତାମାନଙ୍କ ପାଇଁ ବିଜ୍ଞ ଓକିଲ ଉପସ୍ଥାପନ କରିଥିଲେ ଯେ ଟ୍ରକ୍ ଏବଂ ଜବତ ଗୁଡ଼କୁ ମୁକ୍ତ କରିବା ପାଇଁ ସମ୍ପୃକ୍ତ ଅଦାଲତରେ ଏକ ଆବେଦନ ଦାଖଲ କରାଯିବ । ଯଦି ଏପରି ଆବେଦନ ଦାଖଲ କରାଯାଏ, ତେବେ ଏହାକୁ ଆଇନ ଅନୁଯାୟୀ ବିଚାର କରାଯିବ ।

ଅପିଲକୁ ମଞ୍ଜୁର ଦିଆଯାଇଛି ।

ଆର୍.ପି. ଅପିଲକୁ ମଞ୍ଜୁର ଦିଆଗଲା ।

**<u>ଅସ୍ୱୀକରଣ</u>**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର:***
ସୁବୋଧ ରାଉତ,
ଉପବିଭାଗ ଅଧିକାରୀ (ଅନୁବାଦ),
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।